Largest Circulated Odia Daily

SAMBAD

ସମ୍ବାଦ

ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org



ଲକ୍ଷ୍ନୌରୁ ଦାଉଦ୍ ଗ୍ୟାଙ୍ଗର ସଦସ୍ୟ ଓ ଥାଇଲାଣ୍ଡରେ ଛୋଟା ରାଜନ ଉପରେ ଆକ୍ରମଣ କରିଥିବା ନୁରା ଗିରଫ, ୧

ତାରିଖ : ୧୧/୨୪/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୫.୨ | ୩୧.୧ |
| କଟକ | ୧୪.୪ | ୩୨.୧ |
| ବାଲେଶ୍ୱର | ୧୫.୬ | ୩୧.୨ |
| ଗୋପାଳପୁର | ୧୭.୦ | ୩୧.୦ |
| ଝାରସୁଗୁଡ଼ା | ୧୩.୨ | ୩୧.୧ |

ବିତର୍କ/ମତାମତ ସଂଗ୍ରହ

ବୋର୍ଡର ଇଙ୍ଗିତରେ ଗାଙ୍ଗୁଲିଙ୍କୁ ଜାତୀୟ ଦଳରେ ଅନ୍ତର୍ଭୁକ୍ତ କରାଯାଇଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

# ପୂର୍ଣ୍ଣ ବିବରଣୀ

- ବିଜ୍ଞାନ ପ୍ରତିଷ୍ଠାନ ପ୍ରସଙ୍ଗ: ସର୍ବଦଳୀୟ ଗୃହ କମିଟି ହେବ

ଭୁବନେଶ୍ୱର,(ଇମିସ): ଜାତୀୟ ବିଜ୍ଞାନ କେନ୍ଦ୍ର ଓଡିଶାରେ ସ୍ଥାପନ ନେଇ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ଗୃହ କମିଟି ଗଠନ ହେବ ଓ ଏହି କମିଟି ପ୍ରଧାନମନ୍ତ୍ରୀଙ୍କୁ ଦେଖା କରି ଦାବି ଉପସ୍ଥାପନ କରିବ ବୋଲି ଗତକାଲି ବିଧାନସଭାରେ ନିଷ୍ପତ୍ତି ନିଆଯାଇଛି ।ବିଧାୟକ ଅଶ୍ୱିନୀ କୁମାର ପାତ୍ର,ଡ.ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ରଘୁନାଥ ମହାନ୍ତିଙ୍କ ଧ୍ୟାନ ଆକର୍ଷଣକାରୀ ପ୍ରସ୍ତାବ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଗତକାଲି ଆଲୋଚନା ଆରମ୍ଭ କରି ବିଧାୟକ ଶ୍ରୀ ପାତ୍ର କହିଥିଲେ ଯେ ଏନ୍‌ଡିଏ ସରକାର ସମୟରେ ଏ ନେଇ ପଦକ୍ଷେପ ନିଆଯାଇଥିଲା । ତତ୍କାଳୀନ ମାନବ ସମ୍ବଳ ମନ୍ତ୍ରୀ ଓଡିଶାରେ ଏହି ପ୍ରତିଷ୍ଠାନ ସ୍ଥାପନ ପାଇଁ ଘୋଷଣା କରିଥିଲେ । ମାତ୍ର ଏବେ ଏହାକୁ କଲିକତାକୁ ସ୍ଥାନାନ୍ତରଣ ପାଇଁ ନିଷ୍ପତ୍ତି ନିଆଯାଇଛି । ଏ ନେଇ ମୁଖ୍ୟମନ୍ତ୍ରୀ ତିନିଥର ଚିଠି ଦେଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ଉତ୍ତର ଆସୁନାହିଁ । ସେହିଭଳି ବିଧାୟକ ଡ. ଚ୍ୟାଉ ପଟ୍ଟନାୟକ ଓ ରଘୁନାଥ ମହାନ୍ତି ଆଲୋଚନାରେ ଭାଗ ନେଇ କହିଲେ ଯେ ଏନେଇ ଗୃହରେ ଦଳମତ ନିର୍ବିଶେଷରେ ଏକ ରିଜୋଲ୍ୟୁସନ୍ କରାଯାଉ । ଏକ ସର୍ବଦଳୀୟ କମିଟି ଗଠନ କରାଯାଉ । ଶ୍ରୀ ମହାନ୍ତି କହିଲେ ଯେ ପୂର୍ବରୁ ଯେପରି ରେଳ ସମସ୍ୟା ନେଇ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା, ଏଥିରେ ମଧ୍ୟ ସେଭଳି ଏକ କମିଟି ଗଠନ ହେଉ ଓ ଏହି କମିଟି ପ୍ରଧାନମନ୍ତ୍ରୀଙ୍କୁ ଭେଟୁ । କିଶନନଗର ବିଧାୟକ ପ୍ରତାପ ଜେନା ଓ ଦେବୀ ମିଶ୍ର ଆଲୋଚନାରେ ଭାଗ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସମୀର ଦେ କହିଲେ ଯେ ଦେଶରେ ବିଜ୍ଞାନ ଶିକ୍ଷାପ୍ରତି ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଲାଗି ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଦିଗ ଦର୍ଶନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ୟୁଜିସି ଅଧ୍ୟକ୍ଷ ଡ.ଅରୁଣ ନିଗଭେକର ତାଙ୍କର ପତ୍ର ସଂଖ୍ୟା ୭୪/୨୩.୭.୨୦୦୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପୂର୍ବାଞ୍ଚଳର ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ନିମନ୍ତେ ନିଷ୍ପତ୍ତି ହୋଇଥିବା ଜଣାଇଥିଲେ । ଏପରିକି ପ୍ରତିଷ୍ଠାନ ନିମନ୍ତେ ୫ବର୍ଷ ମଧ୍ୟରେ ୫୦କୋଟି ଟଙ୍କା ବ୍ୟୟ ବରାଦ କରାଯିବାର ନିଷ୍ପତ୍ତି ହୋଇଥିଲା । ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲାର ଗୋଠପାଟଣାଠାରେ ୭୫ଏକର ସରକାରୀ ଜମି ଚିହ୍ନଟ କରି ୟୁଜିସିକୁ ୧୮.୧୨.୨୦୦୩ରେ ପତ୍ର ଲେଖାଯାଇଥିଲା । ମାତ୍ର ଅଗଷ୍ଟରେ ଭୁବନେଶ୍ୱରଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ନହୋଇ କଲିକତାଠାରେ



ନାଜିଆ....! ଓଡ଼ିଆ ଝିଅ କିନ୍ତୁ ଓଡ଼ିଆ ଛଡ଼ା ବଙ୍ଗଳା, ହିନ୍ଦୀ ଭାଷାରେ ଅନେକ ଗୁଡ଼ିଏ ହିଟ୍ ଗୀତ ଗାଇ ବେଶ୍ ସୁନାମ କମେଇ ସାରିଲେଣି । ବଙ୍ଗଳାରେ ତାଙ୍କ କଣ୍ଠରୁ ନିସୃତ ଗୀତ 'କିଛୁ କିଛୁ କଥା....' ଅତ୍ୟନ୍ତ ଲୋକପ୍ରିୟ ।

ଅନ୍ୟାନ୍ୟ ଖବର


- ଅନୁଗୁଳ: ଦୁର୍ଘଟଣାରେ ଯୁବକ ମୃତ, କ୍ଷତିପୂରଣ ଦାବିରେ ଶବ ରଖି ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ
- ଦାରା ଡାକ୍ତରଖାନାରେ
- ବିସ୍ମୟ ବାଳକ ବୁଦ୍ଧିଆକୁ ପ୍ରତିଶେଧକ ଟିକା
- ଖୋର୍ଦ୍ଧା ତହସିଲରେ ଦଲାଲରାଜ: ପଟା ପାଇ ବି ଜମି ମାଲିକ ଭକୁଆ, ପାଉଚି ଅନ୍ୟ ପାଖରେ
- ଭଂଜନଗର ବିଧାୟକଙ୍କ ବିରୋଧରେ ଦାୟର ନିର୍ବାଚନ ମୋକଦ୍ଦମା ଖାରଜ
- ବାଲୁଗାଁ କଲେଜରେ ଛାତ୍ର ସଂସଦ ନିର୍ବାଚନ ନେଇ ପୁଣି ଉତ୍ତେଜନା
- ଖ୍ରୀଷ୍ଟ କଲେଜରେ ପ୍ରୟୋଗାତ୍ମକ ପଦାର୍ଥ ବିଜ୍ଞାନ ଜାତୀୟ କର୍ମଶାଳା
- ଝୁମୁକା ଜଳସେଚନ ଯୋଜନା: ପ୍ରତିବର୍ଷ ମରାମତି ହେଉଛି, କିନ୍ତୁ ଘଳିଆ ବନ୍ଦ ହେଉ

ଏହା ପ୍ରତିଷ୍ଠା କରାଯିବ ବୋଲି ଜଣାପଡିଲା । ଏ ନେଇ ଏବେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ନେଇ ମନ୍ତ୍ରୀ କହିବା ସହିତ ଉପା ସରକାରକୁ ଦାୟୀ କରିଥିଲେ । ଗୃହରେ ଉପସ୍ଥିତ ଥିବା ପିସିସି ସଭାପତି ତଥା ବିଧାୟକ ଜୟଦେବ ଜେନା ଏହାର ଉତ୍ତର ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ । ଏତିକି ବେଳେ ବିଧାୟକ ପ୍ରତାପ ଜେନା ଓ ଅନ୍ୟ କିଛି ବିଧାୟକ ଉପା ସରକାର ହାଏ ହାଏ ବୋଲି ସ୍ଲୋଗାନ ଦେଇଥିଲେ । ବିଧାୟକ ଶ୍ରୀ ଜେନା କହିଲେ, ମନ୍ତ୍ରୀ ଶ୍ରୀ ଦେ ଯେଉଁଭଳି ଅନର୍ଗଳ ଭାଷଣ ଦେଉଥିଲେ, ଯାହା ଜଣାପଡୁଛି, ନିକଟରେ ବୋଧହୁଏ ତାଙ୍କୁ କେହି ଅ ତିଥି କରିନାହାନ୍ତି । ଏହାକୁ ନେଇ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା । ବାଚସ୍ପତି ଯେତେବେଳେ ଯାହା କଂଗ୍ରେସ ତଥା ବିରୋଧୀ ଦଳକୁ କହିବେ ତାହା ମାନିବାକୁ ପ୍ରସ୍ତୁ ତ ବୋଲି ଶ୍ରୀ ଜେନା କହିଥିଲେ । ଗୃହ ପରିଚାଳନା କରୁଥିବା ଉପବାଚସ୍ପତି ପ୍ରହଲ୍ଲାଦ ଦୋରା କହିଲେ ଯେ ଏ ନେଇ ଏକ ସର୍ବଦଳୀୟ ଗୃହ କମିଟି ହେବ ଓ ଏହି କମିଟି ପ୍ରଧାନମନ୍ତ୍ରୀଙ୍କ ଭେଟିବ ।

ପୂର୍ବପୃଷ୍ଠା


ନାହିଁ

- ଇଣ୍ଡିଆନ୍ ବ୍ୟାଙ୍କ କର୍ତୃପକ୍ଷଙ୍କ ବିରୋଧରେ ବିକ୍ଷୋଭ, ଆତ୍ମହତ୍ୟା କରିଥିବା ଅଫିସରଙ୍କ ଶେଷକୃତ୍ୟ ସମ୍ପନ୍ନ
- କ୍ରିୟାଯୋଗ ଦେହ ଓ ମନକୁ ଶାନ୍ତ ରଖେ
- ଗରାଖ ସହ ଦୁଇ ଦେହଜୀବୀ ଗିରଫ






Copyright © 2001 orissasambad.com

Site Developed by : www.wayindia.com